# NATIONAL NEWS BULLETIN (ODIA)

## 22 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ତାମିଲନାଡୁରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେବ ଭୋଟ ଗ୍ରହଣ ।
- କେରଳମ୍‌ର ତ୍ରିଶୁର ଜିଲ୍ଲାରେ ବାଣ କାରଖାନା ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ।

– ଗଭୀର ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଭାରତ-ଜର୍ମାନୀ ସହଭାଗୀ ପ୍ରତିରକ୍ଷା ଶିଳ୍ପ ଇକୋସିଷ୍ଟମ ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଇରାନ୍ ସହ ଯୁଦ୍ଧ ବିରତି ସମୟସୀମାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସହମତି ପ୍ରକାଶ କଲା ଆମେରିକା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିଜୟୀ ।

## ଇଲେକ୍‌ସନ୍

ତାମୁଲନାଡୁରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ମତଗ୍ରହଣ କରାଯିବ । ଗତ ସନ୍ଧ୍ୟାରେ ଏଥିପାଇଁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି ।

ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥି ନିର୍ବାଚନ ଲଢୁଛନ୍ତି । ୫ କୋଟି ୭୩ ଲକ୍ଷ ୪୩ ହଜାରରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ୧୬ଟି ଜିଲ୍ଲାର ୧୫୨ଟି ଆସନରେ ମତଗ୍ରହଣ କରାଯିବ । ୧ ହଜାର ୪୧୮ ଜଣ ପ୍ରାର୍ଥି ଏହି ନିର୍ବାଚନରେ ଲଢୁଛନ୍ତି । ସେଥିମଧ୍ୟରେ ୧୮୭ ଜଣ ମହିଳା ପ୍ରାର୍ଥି ରହିଛନ୍ତି । ମୁକ୍ତ, ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ।

ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାୟ ୩ ହଜାର ସହାୟକ ବୁଥ୍ ସମେତ ୪୪ ହଜାର ୩୦୬ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ । ୫ ହଜାର ୪୪୪ଟି ବୁଥ୍ ମହିଳାଙ୍କ ଦ୍ୱାରା ପରିଚାଳିତ ହେବା ସହିତ ୨୦୭ଟି ମଡେଲ୍ ବୁଥ୍ ରହିଛି । ବାଲୁରଘାଟ ଏବଂ ଆସାନସୋଲ୍ ଦକ୍ଷିଣ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଟି ଦିବ୍ୟାଙ୍ଗ ପରିଚାଳିତ ବୁଥ୍ ସ୍ଥାପନ କରାଯାଇଛି । ସମସ୍ତ ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯିବା ସହ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ତ୍ୱରିତ ସହାୟତା ପ୍ରଦାନକାରୀ ଟିମ୍, ଫ୍ଲାଇଂସ୍କ୍ୱାର୍ଡ୍, ସି.ସି. କ୍ୟାମେରା ଆସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ ।

## ଇସିଆଇ-ଆଇଇଭିପି

ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଚାଲିଥିବା ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ଲକ୍ଷ୍ୟ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ତର୍ଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍‌ସନ୍ ମ୍ୟାନେଜ୍‌ମେଣ୍ଟ ପ୍ରତିଷ୍ଠାନଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ୧୭ଟି ଦେଶର ୩୪ ଜଣ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ

କରୁଛନ୍ତି । ଇଭିଏମ୍ ତଦାରଖ ସହ ଭୋଟ୍ ପ୍ରକ୍ରିୟାର ବ୍ୟାବହାରିକ ଅଭିଜ୍ଞତା ଲକ୍ଷ୍ୟ ନେଇ ସେମାନେ ମକ୍ ପୋଲ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀ ଆଜି ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଗସ୍ତରେ ଯିବେ । ଶ୍ରୀ କୁମାର କହିଛନ୍ତି, ଆସନ୍ତାକାଲିର ମତଗ୍ରହଣକୁ ଏହି ପ୍ରତିନିଧି ମଣ୍ଡଳୀ ତଦାରଖ କରିବାର କାର୍ଯ୍ୟସୂଚୀ ରହିଛି ।

# କେରଳମ୍ ଫ୍ୟାକ୍ଟ୍ରି ଇନ୍‌ସିଡେଣ୍ଟ

କେରଳମ୍‌ର ତ୍ରିଶୁର ଜିଲ୍ଲା ଅନ୍ତର୍ଗତ ମୁଣ୍ଡଥିକୋଡେରେ ଏକ ବାଣ କାରଖାନାରେ ବିସ୍ଫୋରଣ ହେବାରୁ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ଆହତଙ୍କ ମଧ୍ୟରୁ କେତେକଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ତ୍ରିଶୁର ମେଡିକାଲ୍ କଲେଜ୍ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି । ସେଠାକାର ଜିଲ୍ଲାପାଳ ବିସ୍ଫୋରଣ କାରଣ ଯାଞ୍ଚ୍ କରିବା ନେଇ ରାଜସ୍ୱ ବିଭାଗୀୟ ଅଧିକାରୀ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ବିସ୍ଫୋରଣ ଘଟଣା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଭିନ୍ନ ଭିନ୍ନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡରୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

ସୂଚନା ଯୋଗ୍ୟ ତାମିଲନାଡୁର ବିରୁଧୁନଗରରେ ଗତ ରବିବାର ଦିନ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା ।

# ରାଜନାଥ-ଜର୍ମାନ

ଭାରତ ଓ ଜର୍ମାନୀ ସହଭାଗି ପ୍ରତିରକ୍ଷା ଶିଳ୍ପ ଇକୋସିଷ୍ଟମ ସୃଷ୍ଟି ଉପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ତିନି ଦିନିଆ ଜର୍ମାନୀ ଗସ୍ତ ଅବସରରେ ଗତକାଲି ପ୍ରଥମ ଦିନରେ ଶ୍ରୀ ସିଂହ ପ୍ରତିରକ୍ଷା ଏବଂ ସୁରକ୍ଷା ସମ୍ପର୍କିତ ଜର୍ମାନ ସଂସଦୀୟ ସ୍ଥାୟୀ କମିଟିକୁ ସମ୍ବୋଧନ କରିବା ଅବସରରେ ଏହା କହିଛନ୍ତି ।

ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ଆଧାରରେ ଉତ୍ପାଦକତା, ବିକାଶ ଏବଂ ନବୀକରଣ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ ଉପରେ ମନ୍ତ୍ରୀ ଶ୍ରୀ ସିଂହ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ

ଏବେ ନୂତନ ସୁରକ୍ଷା ଆହ୍ୱାନର ସମ୍ମୁଖୀନ ହେଉଛି ଏବଂ ପରିବର୍ତ୍ତିତ ପ୍ରଯୁକ୍ତିବିଦ୍ୟା ପରିସ୍ଥିତିକୁ ଅଧିକ ଜଟିଳ କରୁଛି । ସମୟର ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ମାଧ୍ୟମରେ ଭାରତରେ ପ୍ରତୀରକ୍ଷା କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଘଟିଛି ବୋଲି ଶ୍ରୀ ସିଂହ କହିଛନ୍ତି । ଜର୍ମାନ ଶିଳ୍ପୋଦ୍ୟୋଗୀ ବର୍ଦ୍ଧିତ ସହଭାଗିତା ମାଧ୍ୟମରେ ଏହାର ସୁଫଳ ପାଇପାରିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଟ୍ରମ୍ପ୍-ସିଜ୍‌ଫାୟାର୍

ଇରାନ୍ ସହ ଯୁଦ୍ଧ ବିରତି ସମୟସୀମାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସହମତି ପ୍ରକାଶ କରିଛନ୍ତି । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ସମାପ୍ତି ନେଇ ଆଲୋଚନାକୁ ଏହା ଅଧିକ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଦୁଇ ସପ୍ତାହର ଯୁଦ୍ଧବିରତି ସମୟସୀମା ଆଜି ଶେଷ ହେଉଛି ।

ଟ୍ରୁଥ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ପାକିସ୍ତାନର ଅନୁରୋଧ କ୍ରମେ ଏହି ନିଷ୍ପତ୍ତି ଗ୍ରହଣ

କରାଯାଇଛି । ତେବେ ଇରାନ୍‌ର ବନ୍ଦର ତଥା ଉପକୂଳ ଅଞ୍ଚଳରେ ଆମେରିକା ନୌସେନାର ଅବରୋଧ ପୂର୍ବଭଳି ଜାରି ରହିବ । ତେହେରାନ ପକ୍ଷରୁ ଯୁଦ୍ଧବିରତି ନେଇ ଏକୀକୃତ ପ୍ରସ୍ତାବ ଉପସ୍ଥାପନ ନ ହେବା ପର୍ଯ୍ୟନ୍ତ ଏହି ଅବରୋଧ ଜାରି ରହିବ ବୋଲି ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି । ତେବେ ଅନ୍ୟ ପକ୍ଷରେ ଅବରୋଧକୁ ଇରାନ୍ ପକ୍ଷରୁ ଯୁଦ୍ଧ କାର୍ଯ୍ୟ ବୋଲି ବିବେଚନା କରାଯାଇଛି ।

ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ୍‌ଙ୍କ ଘୋଷଣା ପରିପ୍ରେକ୍ଷୀରେ ଇରାନ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ । ତେବେ ଇରାନ୍‌ର ରେଭଲ୍ୟୁସନାରୀ ଗାର୍ଡ୍ ସହିତ ଜଡ଼ିତ ଗଣମାଧ୍ୟମ ତସନିମ୍ ନ୍ୟୁଜ୍ ଏଜେନ୍ସି କହିଛି, ଯୁଦ୍ଧ ବିରତି ପାଇଁ ଇରାନ୍ ପକ୍ଷରୁ କୌଣସି ଅନୁରୋଧ କରାଯାଇନାହିଁ ।

ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ନେତୃତ୍ୱରେ ଇସଲାମାବାଦ ଆସିବାକୁ ଥିବା ପ୍ରତିନିଧି ମଣ୍ଡଳୀର ଗସ୍ତକୁ ଆମେରିକା ପକ୍ଷରୁ ସ୍ଥଗିତ ରଖାଯାଇଛି । ଇତିମଧ୍ୟରେ ଇରାନ୍ ସହିତ ଜଡ଼ିତ ୧୪ ଜଣ ବ୍ୟକ୍ତି, ସଂସ୍ଥା ଏବଂ ବିମାନ ଉଡ଼ାଣ ଉପରେ ଆମେରିକା ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଛି । ଇରାନ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ତଥା ଯୁଦ୍ଧ ଉପାଦାନ ସଂଗ୍ରହ ଓ ପରିବହନରେ ସମ୍ପୃକ୍ତ ଯୋଗାଣ କ୍ଷେତ୍ରକୁ ଲକ୍ଷ୍ୟ ରଖି ଆମେରିକା ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି ।

# ପହଲଗାମ-ଟେରୋର୍ ଆଟାକ୍

ଜାମ୍ମୁ କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଗତକାଲି ୧ ବର୍ଷ ପୂରଣ ହୋଇଛି । ଆତଙ୍କବାଦୀଙ୍କ ଆକ୍ରମଣରେ ଗତ ବର୍ଷ ଏପ୍ରିଲ୍ ୨୧ ତାରିଖରେ ୨୬ ଜଣ ନିରିହ ଲୋକଙ୍କର ମୃତ୍ୟୁ ହୋଇଥିଲା । ସେଥିରେ ଅଧିକାଂଶ ପର୍ଯ୍ୟଟକ ରହିଥିଲେ । ଏହି ଆକ୍ରମଣକୁ ବିଶ୍ୱସ୍ତରରେ ନିନ୍ଦା କରାଯାଇଥିଲା । ଏହି ଆକ୍ରମଣର ପ୍ରତି ଜବାବରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ।

ଗତ ବର୍ଷ ମେ ମାସ ୬ ଓ ୭ ତାରିଖ ରାତିରେ ନିୟନ୍ତ୍ରଣରେଖା ପାର କରି ପାକିସ୍ତାନର ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତୀୟ ସେନା ପକ୍ଷରୁ ଲକ୍ଷ୍ୟ ଭେଦି ଆକ୍ରମଣ କରାଯାଇଥିଲା । ପାକ୍ ଅଧିକୃତ ଜାମ୍ମୁ କାଶ୍ମୀର ଅଞ୍ଚଳରେ ୯ଟି ଆତଙ୍କବାଦୀ ଶିବିର ନଷ୍ଟ ହେବା ସହ ୧୦୦ରୁ ଅଧିକ ଆତଙ୍କବାଦୀ ଏବଂ ଏହି କାର୍ଯ୍ୟକଳାପ ସହ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା । ଜୈସ୍-ଏ-ମହମ୍ମଦ, ଲସ୍କର-ଏ-ତଏବା ଏବଂ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଭଳି ସଂଗଠନର ପାକିସ୍ତାନ ସ୍ଥିତ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା । ଭାରତର ପ୍ରତିରକ୍ଷା ଇତିହାସରେ ଏହା ଏକ ନିର୍ଣ୍ଣାୟକ ସମୟ ଭାବେ ସ୍ମରଣ କରାଯାଉଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ସେନା ଚେତାବନୀ ଦେଇ କହିଛି, ମାନବତାର ସୀମା ଉଲ୍ଲଙ୍ଘନ କ୍ଷେତ୍ରରେ ଜବାବ ନିର୍ଣ୍ଣାୟକ ହୋଇଥାଏ ।

## ଉତ୍ତରାଖଣ୍ଡ–କେଦାରନାଥ

ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗ ଜିଲ୍ଲା ଅନ୍ତର୍ଗତ ଶ୍ରୀ କେଦାରନାଥ ଧାମର ଦ୍ୱାର ଆଜି ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ମୁକ୍ତ ହେବ । ଜିଲ୍ଲା ମାଜିଷ୍ଟ୍ରେଟ୍ ବିଶାଳ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶ୍ରଦ୍ଧାଳୁଙ୍କ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଚାମୋଲି ଜିଲ୍ଲା ସ୍ଥିତ ବଦ୍ରିନାଥଧାମର ଦ୍ୱାର ଆସନ୍ତାକାଲି ଭକ୍ତଙ୍କ ପାଇଁ ଖୋଲିବ ।

## ମଷ୍ଟ ଆନାଉନ୍ସମେଣ୍ଟ– ପଦ୍ମ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଧାରାବାହିକରେ ଡକ୍ଟର ପୁନିଆ ମୂର୍ତ୍ତି ନାଟେସାନ୍‌ଙ୍କ ସାକ୍ଷାତ ଆଲୋଚନା ପ୍ରସାରଣ କରାଯିବ । ପଶୁ ଫାର୍ମାକୋଲୋଜି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ପାଇଁ ଶ୍ରୀ ନାଟେସାନ୍‌ଙ୍କୁ ଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିଜୟୀ ହୋଇଛି । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୪୭ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୨ଟି ଓ୍ୱିକେଟ୍ ବିନିମୟରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୨୪୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଭିଶେକ ଶର୍ମା ଅପରାଜିତ ୧୩୫ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୯ଟି ଓ୍ୱିକେଟ୍ ବିନିମୟରେ ୧୯୫ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଅଭିଶେକ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।